



■ କୁଶନଗୁଡା ଗ୍ରାମବାସୀଙ୍କ ଅଭିଯୋଗ

# ନିୟମିତ ଖୋଲାଯାଉନି ଅଙ୍ଗନୱାଡ଼ି କେନ୍ଦ୍ର

ନବରଙ୍ଗପୁର,୧୦।୧୦(ବି.ପ୍ର.)

## ତଦନ୍ତ କରି ରିପୋର୍ଟ ଦେବା ପାଇଁ ସିଡିପିଓଙ୍କୁ ନିର୍ଦ୍ଦେଶ



ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ ।

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଅଂଳାଭଟ୍ଟା ପଞ୍ଚାୟତ ଅଧିନ କୁଶନଗୁଡା ଗାଁର ୱାର୍ଡ ନମ୍ବର ୪ ଓ ୫ରେ ଥିବା ଅଙ୍ଗନୱାଡି କେନ୍ଦ୍ର ନିୟମିତ ଖୋଲା ଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କେନ୍ଦ୍ରରେ ରନ୍ଧାଖାଦ୍ୟ ଶିଶୁ ମାନଙ୍କୁ ଦିଆଯାଉନାହିଁ । ଗୋଟିଏ ସପ୍ତାହ ଖାଦ୍ୟ ଦିଆଗଲେ ୩ ସପ୍ତାହ ଖାଦ୍ୟ ଯୋଗାଉ ନାହାଁନ୍ତି । ଯାହାବି ଖାଦ୍ୟ ଯୋଗାଉଛନ୍ତି ତାହା ସରକାରୀ ନିୟମ ପ୍ରକାରେ ଖାଦ୍ୟ ତାଲିକା ଓ ବିବରଣୀ ଅନୁଯାୟୀ ଯୋଗାଣ ହେଉ ନାହିଁ। ପିଲାମାନଙ୍କୁ କୃମି ନାଶକ ଔଷଧ ଅଙ୍ଗନୱାଡି କର୍ମୀମାନେ ଦେଉ ନାହାନ୍ତି । ପୁଷ୍ଟିକର ଖାଦ୍ୟ ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ୪ ମାସ ହେବ ଯୋଗାଇ ଦିଆଯାଇଛି । ୨ ମାସର ବିତରଣ କରାଯାଇଛି । ବକେୟା ଦୁଇ ମାସର ଛତୁଆ ଓ ବେସନ, ସୁଜି ମିଶ୍ରିତ ଖାଦ୍ୟ ହିତାଧିକାରୀଙ୍କୁ ଦିଆଯାଉ ନାହିଁ ବୋଲି ୪ ନମ୍ବର ୱାର୍ଡର ୱାର୍ଡ ମେମ୍ବର ହୀରା ଗୌଡ, ଡମ୍ବୁ ଗୌଡ, ରାମବତି ବିଷୋୟୀ, ଦେତାରି ଗୌଡ, ବିକାଶ ବିଷୋୟୀ, ବାଲ ଗୌଡ, ଗରିମଣି ଗୌଡ, ସତେଇ ଗୌଡ, ତୁଳସା ଗୌଡ, ବିଷୋୟୀ, ରନ୍ ଗୌଡ ଉଷା ହରିଜନ, ରତ୍ନାବତି ହରିଜନ ପ୍ରମୁଖ ଜଣାଇଛନ୍ତି । ଅଙ୍ଗୱାର୍ଡି କର୍ମୀ ମାନଙ୍କୁ ବଦଳି କରାଯାଉ ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଲିଖିତ ଅଭିଯୋଗ କରିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ନିମାଇ ଚରଣ ସ୍ୱର୍ଣ୍ଣକାର ତେନ୍ତୁଳିଖୁଣ୍ଟି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ(ସିଡିପିଓ) ଙ୍କୁ ଅଭିଯୋଗର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ପାପଡାହାଣ୍ଡି,୧୦।୧୦(ଡି.ଏନ.ଏ)

ପାପଡାହାଣ୍ଡି ବ୍ଲକ ମଇଦଲପୁରଠାରେ ବୁଧବାର ବିଜେଡି ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ବିଦ୍ୟାଧର ମଲ୍ଲିକଙ୍କ ନେତୃତ୍ୱରେ ଜିଲା ଆଦିବାସୀ ବିକାଶ ପରିଷଦ ଅଧକ୍ଷ ମୋତିରାମ ନାୟକ, ଜିଲା ପରିଷଦ ଅଧକ୍ଷା ଭଗବତୀ ଭତ୍ରା, ଉପାଧକ୍ଷା ନିବେଦିତା ମହାନ୍ତି, ଜିଲା ଯୁବ ବିଜେଡି ସଭାପତି ଶିବାନନ୍ଦ ବିଶୋୟୀ, ଉପସଭାପତି ପ୍ରକାଶ ମାଝି, ସୋମନାଥ ବିଶୋୟୀ, ବ୍ଲକ ଅଧକ୍ଷା ସେବତୀ ସାନ୍ତା, ଉପାଧକ୍ଷ ତ୍ରିନାଥ ପ୍ରଧାନ, ସୁଜାତା ନାୟକ, ଏମପି ପ୍ରତିନିଧି ସ୍ୱାଧୀନ ପଟ୍ଟନାୟକ ସହ ବୁହ କର୍ମୀ ଭାଗ ନେଇଥିଲେ। ମଇଦଲପୁର ଗ୍ରାମର ବିଭିନ୍ନ ସାହି ବୁଲିବା ସହ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ହାଟପଦାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।








କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ଅନ୍ୟମାନେ ।

# ବନ୍ୟପ୍ରାଣୀ ସପ୍ତାହ ପାଳିତ

ପାପଡାହାଣ୍ଡି,୧୦।୧୦(ଡି.ଏନ.ଏ)

ପାପଡାହାଣ୍ଡିର ମୃଗବିହାର ଠାରେ ବୁଧବାର ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ଡିଏଫଓ ରଞ୍ଜିତ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଜିଲା ଆଦିବାସୀ ବିକାଶ ପରିଷଦ ଅଧକ୍ଷ ମୋତିରାମ ନାୟକ ଯୋଗ ଦେଇ ପାଣିପାଗର ଅସାମାଞ୍ଜସ୍ୟ ଚିନ୍ତାର କାରଣ ବୋଲି କହିଥିଲେ। ସିଡିଭିଓ ନାରାୟଣ ବେହେରା ବନ୍ୟଜନ୍ତୁ ହିଂସ୍ର ହେବାର କାରଣ କଣ ବୁଝାଇଥିଲେ। ପୂର୍ବତନ ବ୍ଲକ ଅଧକ୍ଷ ସୋମନାଥ ବିଶୋୟୀ ବନ୍ୟଜନ୍ତୁର ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସିବା ଲାଗି ପରାମର୍ଶ ଦେଇଥିଲେ। ଜିଲାପାଳ ଅଜିତ କୁମାର ମିଶ୍ର ଯୋଗ ଦେଇ ପ୍ରକୃତିର ତାଳ ସହିତ ସମସ୍ତଙ୍କୁ ରହିବାକୁ ହେବ ବୋଲି କହିଥିଲେ। ମୃଗବିହାର ଠାରୁ ପାପଡାହାଣ୍ଡିକୁ ଷ୍ଟ୍ରିଟ ଲାଇଟ ଲଗାଯିବ ବୋଲି କହିଥିଲେ। କାର୍ଯ୍ୟଦକ୍ଷତା ଲାଗି ଏ.ମନୋଜ, ନକୁଳ ଭତ୍ରା, ପିତାମ୍ବର କୁମ୍ଭାର, ଲଳିତ ବିଶୋୟୀ, ଜଗଦୀଶ ଭତ୍ରା, ନୀଳାଚଳ ବିଶୋୟୀଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ବୈଠକରେ ଏସିଏଫଓ ଧନୁର୍ଜୟ ମହାପାତ୍ର, ଏସପି ବିବେକାନ୍ଦ ଶର୍ମା , ଭକ୍ତଚରଣ ପ୍ରମୁଖ ଉପସ୍ଥିତ ଥିଲେ। ଫରେଷ୍ଟର ତଡିତ ସ୍ୱାଇଁ, ରାମଚନ୍ଦ୍ର ଜାନୀ, ଅସିତ କୁମାର ସାହୁ, ଏଲ.କେ.ସାହୁ, ଉମା ପଟ୍ଟନାୟକ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଉନ୍ନୟନ କାର୍ଯ୍ୟରେ ଅନିୟମିତତା

**ଖୁଟୁବାଇ ପଞ୍ଚାୟତ**

ନବରଙ୍ଗପୁର,୧୦।୧୦(ବି.ପ୍ର.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଖୁଟୁବାଇ ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା ହେଉଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ରାଶନ କାର୍ଡରେ ହିତାଧିକାରୀଙ୍କୁ ଚାଉଳ ଠିକ ସମୟରେ ଦିଆଯାଉନାହିଁ । କିରୋସିନି କଳାବଜାରୀ କରାଯାଉଛି । ଯୋଗ୍ୟ ହିତାଧିକାରୀ କିରୋସିନି ପାଇବାରୁ ବଞ୍ଚିତ ହେଉଛନ୍ତି । ପଞ୍ଚାୟତକୁ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଆସୁଥିବା ଅର୍ଥ ଠିକ ଭାବେ ବିନିଯୋଗ ହୋଇପାରୁ ନାହିଁ। ଲକ୍ଷାଧିକ ଟଙ୍କାର ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ୟାପକ ଅର୍ଥ ହଡପ କରାଯାଉଛି । ପ୍ରତି ମାସରେ ପଞ୍ଚାୟତ ବୈଠକ ହେଉନାହିଁ । ସରପଞ୍ଚଙ୍କୁ ଏନେଇ ଅଭିଯୋଗ କରିବାକୁ ଗଲେ ପଞ୍ଚାୟତରେ ତାଲା ପଡି ରହୁଛି । ଏହାଦ୍ୱାର ପଞ୍ଚାୟତ ବାସିନ୍ଦା ବିଭିନ୍ନ ସମସ୍ୟାର ସମ୍ମୁଖିନ ହେଉଛନ୍ତି । ହିତାଧିକାରୀ ଚୟନ ପରେ କ୍ରମିକ ନମ୍ବର ଅନୁଯାଇ ଆବାସ ଯୋଜନାରେ ଘର ଯୋଗାଇ ଦିଆ ଯାଉ ନାହିଁ। ଉକ୍ତ ପଞ୍ଚାୟତର ବଡଦାମପାଲା ଓ ଚାଲିପିଟା ଗାଁରେ ସୌର ଚାଳିତ ପାଇପ ଯୋଗେ ପାନୀୟ ଜଳ ବ୍ୟବସ୍ଥା କାର୍ଯ୍ୟ ୬ ମାସ ହେବ ସମ୍ପୂର୍ଣ୍ଣ ହୋଇ ସାରିଛି । ଠିକାସଂସ୍ଥା ଟଙ୍କା ପାଇ ନାହାନ୍ତି । ଏବାବଦର ୬ ଲକ୍ଷ ଟଙ୍କା ଆତ୍ମସାତ ହୋଇଥିବା ଜିଲାପାଳଙ୍କ ନିକଟରେ ପଞ୍ଚାୟତର ୯୧ ଜଣ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଲିଖିତ ଅଭିଯୋଗ କରିଛନ୍ତି । ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅନୁରୋଧ କରିଛନ୍ତି।

### ଯାନବାହନ ଯାଞ୍ଚ

ଝରିଗାଁ,୧୦।୧୦(ସ୍ୱ.ପ୍ର)- ନବରଙ୍ଗପୁର ଜିଲା ଝରିଗାଁ ସଦରମହକୁମା ଠାରେ ସ୍ଥାନୀୟ ପୋଲିସ ଏବଂ ଏମଭିଆଇଙ୍କ ଦ୍ୱାରା ମିଳିତ ଭାବେ ଗାଡି ମୋଟର ଯାଞ୍ଚ କରାଯାଇଥିଲା। ଥାନା ଅଧିକାରୀ ଅଭୟ କୁମାର ବେହେରା, ଏସଆଇ ରାମ ଚନ୍ଦ୍ର ଅଗସ୍ତି ଏବଂ ଏମଭିଆଇ ବିଜୟ କୁମାର ବେହୁରିଆ ପ୍ରମୁଖ ରହି ବାଇକ ସହ ଚାରି ଚକିଆ ଯାନର କାଗଜ ପତ୍ର ଯାଞ୍ଚ କରିଥିଲେ। ମୋଟ ୧୦ ହଜାର ୮ ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି।

■ ପଞ୍ଚାୟତ ସମିତି ସ୍ୱତନ୍ତ୍ର ବୈଠକ

# ୪ ରାସ୍ତାର ନିର୍ମାଣ ପ୍ରସ୍ତାବ ଅନୁମୋଦିତ

ରାଇଘର,୧୦।୧୦(ଡି.ଏନ.ଏ)



ବୈଠକରେ ବିଧାୟକ ସୁବାସ ଗଣ୍ଡ ଓ ଅନ୍ୟମାନେ ।

ନବରଙ୍ଗପୁର ଜିଲା ରାଇଘର ପଞ୍ଚାୟତ ସମିତିର ଏକ ସ୍ୱତନ୍ତ୍ର ବୈଠକ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଅନ୍ତର୍ଗତ ଜିଲା ଗ୍ରାମ୍ୟ ରାସ୍ତା ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା। ବୈଠକଙ୍କୁ ବିଡିଓ ଦେବୀ ପ୍ରସାଦ ଟାଲି ପରିଚାଳନା କରିଥିବା ବେଳେ ବିଧାୟକ ସୁବାସ ଗଣ୍ଡ, ଅଧକ୍ଷା ବିନୋ ଗଣ୍ଡ, ଏମପି ପ୍ରତିନିଧି ଚିତ୍ତରଞ୍ଜନ ଗଣ୍ଡ, ଏବିଡିଓ ବିଜୟ କୁମାର ସେଠୀ, ଜିପିଇଓ ରତିକାନ୍ତ ସାହୁ, ଗ୍ରାମ୍ୟ ଉନ୍ନୟ ବିଭାଗର ନିରଞ୍ଜନ ସାହୁ, ସୁନିଲ କୁମାର ବେହେରାଙ୍କ ସମେତ ସମିତି ସଭ୍ୟସଭ୍ୟା, ସରପଞ୍ଚ, ଜିଲା ପରିଷଦ ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ। ଗ୍ରାମ୍ୟ ସଡକ ଯୋଜନାରେ ନୂଆ କରି ନିର୍ମାଣ ହେବାକୁ ଥିବା ୪ଟି ରାସ୍ତାର ପ୍ରସ୍ତାବ ଉପସ୍ଥାପନ ହୋଇଥିଲା। ଏହା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ପଞ୍ଚାୟତ ସମିତି ଅଧକ୍ଷାଙ୍କ ସହମତିରେ ହିଁ ହୋଇପାରିବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗର ବେହେରା କହିଥିଲେ। କୁମୁଲିଠାରୁ କଲିଆପଦର ଭାୟା ଭାରସୁଣ୍ଡି ୧୧ କି.ମି ରାସ୍ତା , ରାଇଘର ଠାରୁ ସରତପାରା ଭାୟା ସୋନପୁର ୧୦ କି.ମି ରାସ୍ତା, ରାଇଘର ଠାରୁ ବିନୟପୁର ଭାୟ ସୋନପରୁ ୧୭.୫ କି.ମି ରାସ୍ତା, ଯୋଡେଙ୍ଗା ଠାରୁ ପରଚିପାରା ଭାୟା କଚରାପାରା ୨୧.୬୦ କି.ମି ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରସ୍ତାବ ଅନୁମୋଦିତ ହୋଇଥିଲା। ସମିତି ସଭ୍ୟ ଓ ସରପଞ୍ଚମାନେ ଅନ୍ୟ ରାସ୍ତା ପାଇଁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ବେହେରା କହିଥିଲେ ଯେ ୫ କି.ମି କିମ୍ବା ତା' ଠାରୁ ଅଧିକ ଲମ୍ବା ନ ଥିବା ରାସ୍ତା ଏହି ଯୋଜନାରେ କରାଯାଇ ପାରିବ ନାହିଁ। ରାସ୍ତାର ଲମ୍ବ ୫ କି.ମି ରହିବା ଦରକାର ଯଦି ଏପରି ରାସ୍ତାର ପ୍ରସ୍ତାବ ଆସେ ତାହା ହେଲେ ଯୋଜନା ମାଧ୍ୟମରେ କରାଯାଇ ପାରିବ। ସମିତି ସଭ୍ୟ ରାମନାଥ କେଉଟ ଉଦୟପୁର ଠାରୁ ତୁରୁଡି ଯାହାକି ଛତିଶଗଡକୁ ସଂଯୋଗ କରୁଛି ତାହା ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି ତାର ମରାମତି ପାଇଁ ପ୍ରସ୍ତାବ ଦେଇଥିଲେ। ଯୋଡେଙ୍ଗା ସରପଞ୍ଚ ପୁଲସିଂ ଗଣ୍ଡ ମାରିପାରା ରାସ୍ତାର ରାମତି ପାଇଁ ପ୍ରସ୍ତାବ ଦେଇଥିଲେ। ସରପଞ୍ଚ ସନରାଜ ଗଣ୍ଡ ମାରିଗାଁ ଠାରୁ ଧନରା ରାସ୍ତା ଅବସ୍ଥା ଶୋଚନୀୟ ଥିବା କହିଥିଲେ। ଏହିସବୁ ଅଭିଯୋଗ ଶୁଣିବା ପରେ ବିଧାୟକ ସୁବାସ ଗଣ୍ଡ ତୁରନ୍ତ ପୁରୁଣା ରାସ୍ତାର ମରାମତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ୩ୟ ପର୍ଯ୍ୟାୟରେ ତୁରୁଡି, ଜଡାପାରା, ଖାଡୁଆମ ଭଳି ଗ୍ରାମଗୁଡିକ ରାସ୍ତା କରାଯିବ ବୋଲି ବେହେରା କହିଥିଲେ।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ୍ ନଂ.୭୭୮, ପ୍ରଥମ ମହଲା, ସହିଦ ନଗର, ଭୁବନେଶ୍ୱର-୭୫୧୦୦୭,
ଫୋନ୍:୦୬୭୪-୨୫୪୯୬୬୩, ୨୫୪୯୬୧୨

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**ସରଫେଶୀ ଆକ୍ଟ ୨୦୦୨ ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨)ର ରୁଲ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଲିଖିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଅଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୯ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି । ତେଣୁ ବିଶେଷତଃ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

ଋଣଗ୍ରହୀତାଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ଧାରା ୧୩, ଉପଧାରା (୮)ରେ ଦିଆଯାଇଥିବା ସମୟ ମଧ୍ୟରେ ସୁରକ୍ଷିତ ସମ୍ପତ୍ତି ଉପରେ ଥିବା ପ୍ରାପ୍ୟ ଜମା କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ ।

| ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଜାମିନ୍‌ଦାର / ସମ୍ପତ୍ତି ମାଲିକମାନଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ଋଣଗ୍ରହୀତା: ମେସର୍ସ ସ୍ୱସ୍ତିକ ଟ୍ରେଡ଼ିଂ କର୍ପୋରେସନ୍, ଅଂଶିଦାରମାନେ: (୧) ଶ୍ରୀ ରୋହିତ କୁମାର କାନ୍ଦୋଇ,** ସା : ୩୧, ଗଣେଶ ଚନ୍ଦ୍ର ଆଭିନ୍ୟୁ, ଘର ନଂ. ୫ବି ଏବଂ ୫ସି, ୫ମ ମହଲା, କୋଲକାତା, ପିନ୍ - ୭୦୦୦୧୩, ପଶ୍ଚିମବଙ୍ଗ, **(୨) ଶ୍ରୀ ପ୍ରଦୀପ କୁମାର କାନ୍ଦୋଇ,** ପ୍ଲଟ ନଂ. - ୨୦, ଆଚାର୍ଯ୍ୟ ବିହାର, ୟୁନିଟ୍-୯, ଭୁବନେଶ୍ୱର, ଜିଲ୍ଲା - ଖୋର୍ଦ୍ଧା-୭୫୧୦୨୨ | **ସମ୍ପତ୍ତିର ମାଲିକ: ଶ୍ରୀ ରୋହିତ କୁମାର କାନ୍ଦୋଇ** | ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଣ୍ଟିଲୋ, ଥାନା : ଏୟାରଫିଲ୍ଡ, ତହସିଲ : ଜଟଣୀ, ଜିଲ୍ଲା : ଖୋର୍ଦ୍ଧା, ଭୁବନେଶ୍ୱର, ଖାତା ନଂ.: ୩୧୧/୭୬୨, ପ୍ଲଟ୍ ନଂ.: ୫୧୬, କ୍ଷେତ୍ର : ଏକର ୦.୦୩୮.୫ ଡିସିମିଲି, କିସମ : ଘରବାଡି । | ୦୭.୦୫.୨୦୧୮ | ୦୮.୧୦.୨୦୧୮ | ୦୭.୦୫.୨୦୧୮ ସୁଦ୍ଧା ଟ.୫୧,୮୬,୩୨୧.୩୫ + ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ |
| **ଋଣଗ୍ରହୀତା: ମେସର୍ସ ବୃକସନ୍ ଏନର୍ଜି ପ୍ରା.ଲିଃ., ପରିଚାଳନା ନିର୍ଦ୍ଦେଶକ : ଶ୍ରୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା,** ପ୍ଲଟ ନଂ. - ୨୭, ୨ୟ ମହଲା, ଡ଼ିଷ୍ଟ୍ରିକ୍ଟ ସେଣ୍ଟର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୨୦ । | ଜାମିନଦାରମାନେ : **(୧) ଶ୍ରୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା,** ପ୍ଲଟ ନଂ. - ୨୭, ୨ୟ ମହଲା, ଡ଼ିଷ୍ଟ୍ରିକ୍ଟ ସେଣ୍ଟର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୨୦, **(୨) ଶ୍ରୀମତୀ ଭଗବତୀ ପଣ୍ଡା, (୨) ଶ୍ରୀମତୀ ସ୍ୱର୍ଣ୍ଣାଞ୍ଜଳୀ ପତି,** ଉଭୟଙ୍କ ବାସସ୍ଥାନ : ଏଚଆଇଜି-୧୧୧, ଲୁମ୍ବିନୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୨୧ / **ସମ୍ପତ୍ତିର ମାଲିକ: ଶ୍ରୀମତୀ ସ୍ୱର୍ଣ୍ଣାଞ୍ଜଳୀ ପତି** | ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ମୁଣ୍ଡଲା, ତହସିଲ : ଜଟଣୀ, ଜିଲ୍ଲା : ଖୋର୍ଦ୍ଧା, ଖାତା ନଂ.: ୪୨, ପ୍ଲଟ୍ ନଂ.: ୭୬୮, କ୍ଷେତ୍ର : ଏକର ୦.୨୬୪ ଡିସିମିଲି, କିସମ : ଘରବାଡି । | ୧୧.୦୫.୨୦୧୮ | ୦୮.୧୦.୨୦୧୮ | ୦୭.୦୫.୨୦୧୮ ସୁଦ୍ଧା ଟ.୪୦,୬୩,୩୦୯.୩୦ + ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ |

ତାରିଖ : ୧୦.୧୦.୨୦୧୮
ସ୍ଥାନ : ଭୁବନେଶ୍ୱର

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ





## ସଂକ୍ଷେପରେ

### ବାତ୍ୟା ମୁକାବିଲା ପ୍ରସ୍ତୁତି

ଗୁମ୍ମା/ଗୋଷାଣି/କାଶୀନଗର, ୧୦।୧୦(ଡି.ଏନ.ଏ)-ସମ୍ଭାବ୍ୟ ବାତ୍ୟା ତିତ୍‌ଲି ମୁକାବିଲା ପାଇଁ ଗୁମ୍ମା ବ୍ଲକ କାର୍ଯ୍ୟାଳୟରେ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନୋଡାଲ ଅଫିସର ଭାବେ ଜିଲା ଉପକୃଷି ନିର୍ଦ୍ଦେଶକ ଭଗବାନ ସାହୁ, ବିଡିଓ ନଟବର ଗରଡା, ତହସିଲଦାର କଳାକୃଷ୍ଣ ପ୍ରଧାନ, ବ୍ଲକ ଅଧକ୍ଷ ଗଜେନ୍ଦ୍ର ଗମାଙ୍ଗ, ଡାକ୍ତର ସମରେନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କାଶୀନଗର ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ, ବିଡିଓ ସୁଧିର କୁମାର ସିଂ, ଭାରପ୍ରାପ୍ତ ତହସିଲଦାର ଉମାଶଙ୍କର ଦାସ, ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ପି. ଶ୍ରୀଲେଖା ଏବଂ ଗୋଷାଣି ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବୀରେନ୍ଦ୍ର କର୍କରା, ବିଡିଓ ସଂଗ୍ରାମ କେଶରୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଖାଦ୍ୟ ସାମଗ୍ରୀ ମହଜୁଦ ରଖିବା ସହ ଆବଶ୍ୟକ ସ୍ଥଳେ ଲୋକଙ୍କୁ ଆଶ୍ରୟସ୍ଥଳକୁ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# 'ତିତ୍‌ଲି' ପ୍ରଭାବରେ ବର୍ଷା

■ ତଳୁଆ ଅଞ୍ଚଳ ଲୋକଙ୍କୁ ସ୍ଥାନାନ୍ତର ନିର୍ଦ୍ଦେଶ
■ କାଶୀନଗରରେ ଏନ୍‌ଡିଆର୍‌ଏଫ୍ ଟିମ୍



ପାରଳାଖେମୁଣ୍ଡି, ୧୦।୧୦(ସ୍ୱ.ପ୍ର.)

ସମ୍ଭାବ୍ୟ ବାତ୍ୟା 'ତିତ୍‌ଲି' ପ୍ରଭାବରେ ବୁଧବାର ସକାଳୁ ତୁହାକୁ ତୁହା ବର୍ଷା ଲାଗିରହିଥିବା ବେଳେ ଅପରାହ୍ନ ୪ଟାରୁ ବର୍ଷା ଓ ପବନର ବେଗ ଧିରେ ଧିରେ ବଢିବାରେ ଲାଗିଛି। ଏହା ଆଗକୁ ଉଗ୍ରରୂପ ନେଇପାରେ ବୋଲି ରାଜ୍ୟ ପାଣିପାଗ ବିଭାଗ ଆଶଙ୍କା ବ୍ୟକ୍ତ କରିଛି। ତେଣୁ ଲୋକେ ଆତଙ୍କିତ ହୋଇପଡିଛନ୍ତି। ଅନ୍ୟପକ୍ଷେ 'ତିତ୍‌ଲି' ମୁକାବିଲା ପାଇଁ ଜିଲା ପ୍ରଶାସନ ସଜାଗ ରହିଛି। ଏଥିଲାଗି ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଆବଶ୍ୟକ ସାମଗ୍ରୀ ପ୍ରଚୁର ପରିମାଣର ମହଜୁଦ ରଖାଯିବା ସହ ଖୋଲା ତଥା ତଳିଆ ଅଞ୍ଚଳର ଲୋକଙ୍କୁ ନିକଟସ୍ଥ ଆଶ୍ରୟସ୍ଥଳୀ କିମ୍ବା ସ୍କୁଲଗୁଡ଼ିକୁ ଅଣାଯିବାର ବ୍ୟବସ୍ଥା ହୋଇଛି। ଜିଲା ସଦରମହକୁମା ପାରଳାଖେମୁଣ୍ଡି ଠାରେ ଜିଲାପାଳ ଅନୁପମ ଶାହାଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶୁଖିଲା ଖାଦ୍ୟଦ୍ରବ୍ୟ ସମେତ ଚାଉଳ, କିରୋସିନ, ମହମବତୀ, ଔଷଧ ଆଦି ପ୍ରଚୁର ପରିମାଣରେ ମହଜୁଦ ରଖିବା, ଖୋଲା ତଥା ତଳିଆ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା, ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ଓ ସ୍କୁଲଗୁଡ଼ିକରେ ଆଶ୍ରୟ ନେଇଥିବା ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କାଶୀନଗର ବ୍ଲକରେ ୩, ନୂଆଗଡ଼ରେ ୬, ଆର.ଉଦୟଗିରିରେ ୭ ଓ ରାୟଗଡ ବ୍ଲକରେ ୩୨ଟି ଅସ୍ଥାୟୀ ଆଶ୍ରୟସ୍ଥଳ ଖୋଲା ଯାଇଛି। ବିଭିନ୍ନ ସ୍ଥାନରେ ଗଛ, ବଡ ଡାଳ, ବିଦ୍ୟୁତ ଖୁଣ୍ଟ ଓ ତାର ପଡ଼ି ରାସ୍ତା ଅବରୋଧ ହେଲେ ତାହାକୁ ତୁରନ୍ତ ହଟାଇବା ସହ ଜରୁରୀକାଳୀନ ପରିସ୍ଥିତି ମୁକାବିଲା ପାଇଁ ଅଗ୍ନିଶମ, ବିଦ୍ୟୁତ, ପୋଲିସ ବିଭାଗ, ଏନ୍‌ଡିଆର୍‌ଏଫ୍ ଟିମ୍ ଏବଂ ପୌର କର୍ତ୍ତୃପକ୍ଷଙ୍କୁ ସଜାଗ ରହିବା ପାଇଁ କୁହାଯାଇଛି । ପରିସ୍ଥିତି ଉପରେ ନଜର ରଖି ତ୍ୱରିତ ପଦକ୍ଷେପ ନେବାକୁ ବିଡିଓ ଏବଂ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ବ୍ଲକର ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ତ୍ୱରିତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ କୁହାଯାଇଛି। କାଶୀନଗର ବ୍ଲକ ନଦୀକୂଳିଆ ଅଞ୍ଚଳ ହୋଇଥିବାରୁ ସେଠାରେ ଏନ୍‌ଡିଆର୍‌ଏଫ୍ ଟିମ୍ ମୁତୟନ କରାଯାଇଛି। କୌଣସି ପରିସ୍ଥିତିରେ ଜନସାଧାରଣ ଆତଙ୍କିତ ନ ହୋଇ ଜରୁରୀକାଳୀନ ବିଭାଗର କଣ୍ଟ୍ରୋଲ ରୁମ୍‌କୁ ଫୋନ୍ ନଂ. ୦୬୮୧୫-୨୨୨୯୪୩ରେ ଯୋଗାଯୋଗ କରିବା ପାଇଁ ଜିଲା ଜରୁରୀକାଳୀନ ଅଧିକାରୀ ସତ୍ୟସମର୍ପିତା ରାଉତ ପରାମର୍ଶ ଦେଇଛନ୍ତି। କୌଣସି ପ୍ରକାରର ଗୁଜବକୁ ବିଶ୍ୱାସ ନ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।



ଶୋଭାଯାତ୍ରାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

## ମାନସିକ ସ୍ୱାସ୍ଥ୍ୟ ସଚେତନତା ଶୋଭାଯାତ୍ରା

ପାରଳାଖେମୁଣ୍ଡି, ୧୦।୧୦ (ସ୍ୱ.ପ୍ର.)

ଗଜପତି ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବୁଧବାର ବିଶ୍ୱ ମାସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଛି। ଏହି ଅବସରରେ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିପିନ ବିହାରୀ ପାଣିଗ୍ରାହୀ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ମାନସିକ ରୋଗର କେତେକ ସାଧାରଣ ଲକ୍ଷଣ ସମ୍ପର୍କରେ ସେ ସୂଚନା ଦେଇଥିଲେ । ମାନସିକ ରୋଗୀଙ୍କ ଉପଚାର ପାଇଁ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରି ଆରମ୍ଭରୁ ଚିକିତ୍ସା କଲେ ଏହି ରୋଗ ସମ୍ପୂର୍ଣ୍ଣ ଉପଶମ ହୋଇପାରିବ ବୋଲି ସେ କହିଥିଲେ । ଚଳିତ ବର୍ଷର ବାର୍ତ୍ତା ଯୁବ ସମାଜ ଓ ବିଶ୍ୱରେ ମାନସିକ ସ୍ୱାସ୍ଥ୍ୟରେ ପରିବର୍ତ୍ତନର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା । ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ପ୍ରଦୀପ କୁମାର ପାତ୍ର, ମ୍ୟାଲେରିଆ ନିରାକରଣ ଅଧିକାରୀ ଛନ୍ଦା କାନୁନ୍‌ଗୋ ପ୍ରମୁଖ ମାନସିକ ରୋଗୀଙ୍କୁ ଚିହ୍ନିବା ପାଇଁ ବିଭିନ୍ନ ଲକ୍ଷଣ ବିଷୟରେ କହିଥିଲେ । କାର୍ଯ୍ୟକ୍ରମରେ ସହରାଞ୍ଚଳ ଜନସ୍ୱାସ୍ଥ୍ୟ ପରିଚାଳକ ଜି.ରାଜେଶ ପ୍ରମୁଖ ଉପସ୍ଥିତ ଥିଲେ ।

## ଯୋଜନା ଓ ଲୋକସେବା ଅଧିକାର ସଂକ୍ରାନ୍ତ ପ୍ରଶିକ୍ଷଣ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ପାରଳାଖେମୁଣ୍ଡି, ୧୦।୧୦(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡିଠାରେ ବୁଧବାର ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଏବଂ ଗଜପତି ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସଂକ୍ରାନ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ବ୍ୟବସ୍ଥାପନା ବିଭାଗ ଡେପୁଟି କଲେକ୍ଟର ସୀମାଞ୍ଚଳ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା ଅନିତାରାଣୀ ବେହେରା ଯୋଗଦେଇ କହିଥିଲେ ଯେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁ ଯୋଜନା କାର୍ଯ୍ୟକାରୀ ହେଉଥିଲେ ମଧ୍ୟ ଗ୍ରାମାଞ୍ଚଳରେ ସଚେତନତା ଅଭାବରୁ ସରକାରୀ ଯୋଜନା ସମ୍ପର୍କରେ ଜାଣିପାରୁ ନାହାନ୍ତି। ତେଣୁ ନିର୍ବାଚିତ ଲୋକପ୍ରତିନିଧିମାନେ ସମସ୍ତ ଯୋଜନା ଓ ସରକାରୀ କାର୍ଯ୍ୟାଳୟ ସମ୍ପର୍କରେ ଅବଗତ ହେଲେ ହିଁ ଏଗୁଡିକ ସଫଳ ରୂପାୟନ ହୋଇପାରିବ। ରିସୋର୍ସ ପର୍ସନ ଭାବେ ଓଡିଶା ଲୋକସେବା ଅଧିନିୟମ ବିଭାଗର ବରିଷ୍ଠ କାର୍ଯ୍ୟକ୍ରମ ସଂଯୋଜିକା ମଞ୍ଜୁଳା ଆଚାର୍ଯ୍ୟ ଏବଂ ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ସିଦ୍ଧାନ୍ତ ଶେଖର ପଣ୍ଡା ଯୋଗଦେଇ ଲୋକସେବା ଅଧିକାର ଅଧିନିୟମ ସମ୍ପର୍କରେ ବୁଝାଇଥିଲେ । ଜିଲା ସଂଯୋଗ ପ୍ରଶାନ୍ତ କୁମାର କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଜିଲାପରିଷଦ ଉପାଧ୍ୟକ୍ଷ ଆର.ବିଜୟ କୁମାର, କାଶୀନଗର ବ୍ଲକ ଅଧକ୍ଷ ସି.ଏଚ୍.ସିମାଦ୍ରୀ ପ୍ରମୁଖ ମଞ୍ଚାସୀନ ଥିଲେ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ପଞ୍ଚାୟତ ପ୍ରତିନିଧିମାନଙ୍କୁ ସଚେତନ କରାଯାଇଥିଲା ।

## ବିଭିନ୍ନ ଦାବି ନେଇ ଅଖିଳ ଭାରତ କିଷାନ ମଜଦୁର ସଂଘର ଧାରଣା

କାଶୀନଗର, ୧୦।୧୦(ଡି.ଏନ.ଏ.)

ଅଖିଳ ଭାରତ କିଷାନ ମଜଦୁର ସଂଘର ଗଜପତି ଜିଲା ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ବୁଧବାର କାଶୀନଗର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ଭାରପ୍ରାପ୍ତ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ସଭାପତି କେଦାର ଶବର, ରମେଶ ଗମାଙ୍ଗ ପ୍ରମୁଖଙ୍କ ନେତୃତ୍ୱରେ ଜନଜାତି ମହିଳା ପୁରୁଷମାନେ ଏକ ଶୋଭାଯାତ୍ରାରେ ବାହାରି ତହସିଲ ଅଫିସ୍ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଧାରଣା ଦେବା ସହ ଭାରପ୍ରାପ୍ତ ତହସିଲଦାର ଉମାଶଙ୍କର ଦାସଙ୍କୁ ଏକ ଦାବିପତ୍ର ଦେଇଥିଲେ। କାଶୀନଗର ତହସିଲର ସମସ୍ତ ଭୂମିହୀନଙ୍କୁ ଘରଡିହ ପଟ୍ଟା ଦେବା, ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ତୁରନ୍ତ ଜଙ୍ଗଲ ଜମିପଟ୍ଟା ବାଣ୍ଟିବା, ଏମ୍‌ଜିଏନ୍‌ଆରଇଜିଏସ୍‌ରେ ସମସ୍ତ ଶ୍ରମିକଙ୍କୁ ବର୍ଷକୁ ୧୦୦ ଦିନର କାମ ଯୋଗାଇବା ସହ ନିର୍ମାଣ ଶ୍ରମିକ ଭାବେ ପଞ୍ଜୀକରଣ କରାଯିବା, ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ସମସ୍ତ ଗରିବଙ୍କୁ ରାଶନ କାର୍ଡ ଦେବା ସହ ଡାଲି, ଚାଉଳ ଓ ଖାଇବା ତେଲ ଯୋଗାଇବା ଆଦି ଦାବି କରାଯାଇଛି।



ଭାରପ୍ରାପ୍ତ ତହସିଲଦାରଙ୍କୁ କିଶାନ ମଜଦୁର ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି ।



